# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 22 July – 2026

********************************

## ମୁଖ୍ୟ ସମ୍ବାଦ

- ବିଭିନ୍ନ ପ୍ରସଙ୍ଗରେ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ସଂସଦର ଉଭୟ ଗୃହ ମୁଲତବୀ
- ଇଣ୍ଟରନେଟ୍ ବ୍ୟବହାରକାରୀଙ୍କ ପାଇଁ ନିରାପଦ ଉତ୍ତରଦାୟୀ ବ୍ୟବସ୍ଥା ସୁନିଶ୍ଚିତ କରିବା ଲାଗି ସରକାର ନୀତି ପ୍ରଣୟନ କରୁଛନ୍ତି; କହିଲେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ
- ବାହୁଡ଼ା ଯାତ୍ରା ସମୟରେ ଭିଡ଼ ପରିଚାଳନା ଓ ସୂଚନା ସଂଚାର ନେଇ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱାରୋପ

ଏବଂ

- ପୁରୀରେ ଆସନ୍ତାକାଲି ମହାପ୍ରଭୁଙ୍କ ସନ୍ଧ୍ୟା ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା

# ଏଲ୍‌ଏସ୍ ଆର୍‌ଏସ୍-ଆଡଜର୍ଣ୍ଣ

ନିଟ୍ ପ୍ରଶ୍ନପତ୍ର ପ୍ରଘଟ ମାମଲା ଏବଂ ଏ ସମ୍ପର୍କିତ ପ୍ରତିବାଦ ସମେତ ବିଭିନ୍ନ ପ୍ରସଙ୍ଗ ନେଇ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ସଂସଦକୁ ଆଜି ଦିନକ ପାଇଁ ମୁଲତବୀ ରଖାଯାଇଛି। ଅପରାହ୍ଣ ୨ଟାରେ ଲୋକସଭା ପୁନଃ ଆରମ୍ଭ ହେବା କ୍ଷଣି ଏହି ପ୍ରସଙ୍ଗଗୁଡ଼ିକୁ ନେଇ ବିରୋଧି ଦଳ ସଦସ୍ୟ ସ୍ଲୋଗାନ୍ ଦେବା ଆରମ୍ଭ କରିଥିଲେ । ହଟ୍ଟଗୋଳ ମଧ୍ୟରେ ତୃଣମୂଳ କଂଗ୍ରେସ ସଦସ୍ୟ କଲ୍ୟାଣ ବାନାର୍ଜୀଙ୍କୁ ମୌସୁମୀ ଅଧିବେଶନର ଅବଶିଷ୍ଟ ସମୟ ପାଇଁ ନିଲମ୍ବନ କରିବା ନେଇ ଏକ ପ୍ରସ୍ତାବ ଗୃହୀତ ହୋଇଥିଲା ।

ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ୍ ଆଗତ କରିଥିବା ଏହି ପ୍ରସ୍ତାବ ବାଚନିକ ଭୋଟ୍‌ରେ ଗୃହୀତ ହୋଇଥିଲା । ତେବେ ହଟ୍ଟଗୋଳ ପରିସ୍ଥିତି ଜାରି ରହିବାରୁ ଗୃହରେ ଅଧ୍ୟକ୍ଷତା କରୁଥିବା କୃଷ୍ଣ ପ୍ରସାଦ ଟେନେଟି ଆସନ୍ତାକାଲି ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରିଥିଲେ।

ରାଜ୍ୟସଭାରେ ମଧ୍ୟ ସମାନ ସ୍ଥିତି ଜାରି ରହିଥିଲା। ଦ୍ୱିତୀୟାର୍ଦ୍ଧରେ ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରକେ ବିରୋଧୀ ସଦସ୍ୟମାନେ ହଟ୍ଟଗୋଳ କରିଥିଲେ। ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ କହିଥିଲେ, ସରକାର ମୌସୁମୀ ଅଧିବେଶନର ପ୍ରଥମ ଦିନରୁ ନିଟ୍ ପ୍ରଶ୍ନପତ୍ର ପ୍ରଘଟ

ଘଟଣା ନେଇ ଆଲୋଚନା ପାଇଁ ପ୍ରସ୍ତୁତ ଅଛନ୍ତି । ବିରୋଧୀଙ୍କ ହଟ୍ଟଗୋଳ ଜାରି ରହିଥିବାରୁ ଗୃହକୁ ମୁଲତବୀ ଘୋଷଣା କରାଯାଇଥିଲା ।

Desk

# ଡିଜିଟଲ ଆଇନ

ଶିଶୁଙ୍କ ସମେତ ସମସ୍ତ ଇଣ୍ଟରନେଟ୍ ବ୍ୟବହାରୀଙ୍କ ପାଇଁ ମୁକ୍ତ, ନିରାପଦ, ବିଶ୍ୱାସଯୋଗ୍ୟ ତଥା ଉତ୍ତରଦାୟୀ ବ୍ୟବସ୍ଥା ସୁନିଶ୍ଚିତ କରିବା ଲାଗି ସରକାର ନୀତି ପ୍ରଣୟନ କରୁଛନ୍ତି ବୋଲି କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଲୋକସଭାରେ କହିଛନ୍ତି। ପିଲାମାନଙ୍କ ମଧ୍ୟରେ ଡିଜିଟାଲ ଆସକ୍ତି ବଢ଼ିବା ଏବଂ ଏହାର କୁପ୍ରଭାବ ସଂକ୍ରାନ୍ତ ସଦସ୍ୟ ସସ୍ମିତ ପାତ୍ରଙ୍କ ତାରକା ଚିହ୍ନିତ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ବୈଷ୍ଣବ କହିଛନ୍ତି, ଡିଜିଟାଲ ବ୍ୟକ୍ତିଗତ ତଥ୍ୟ ସୁରକ୍ଷା ଆଇନ-୨୦୨୩ ପ୍ରଣୟନ କରାଯାଇଛି। ସେହି ଅନୁଯାୟୀ ପିଲାମାନଙ୍କ ଅନଲାଇନ୍ ଗୋପନୀୟତାକୁ ସୁରକ୍ଷା ଦେବାକୁ ପାଇଁ ଏହା ଏକ ଆଇନଗତ ଢାଞ୍ଚା ପ୍ରଦାନ କରୁଛି। ଏଥିସହିତ ବେଆଇନ ବିଷୟବସ୍ତୁ ପ୍ରସାରଣ କରିଥିବା ଓଟିଟି ପ୍ଲାଟଫର୍ମ ସହ ଅନ୍ୟାନ୍ୟ ମଞ୍ଚକୁ ନିୟମ ଅନୁଯାୟୀ ନିଷିଦ୍ଧ କରି ଦିଆଯାଇଛି। ଅଶ୍ଳୀଳ ବିଷୟବସ୍ତୁକୁ ପ୍ରଚାର କରୁଥିବା ୫୦ଟି ଓଟିଟି ପ୍ଲାଟଫର୍ମକୁ ଗତ ଦୁଇବର୍ଷ ମଧ୍ୟରେ ଭାରତରେ ବନ୍ଦ କରିଦିଆଯାଇଛି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି।

Desk

# ୱେଭ୍ସ

ତୃଣମୂଳ ସ୍ତରର ଡିଜିଟାଲ୍ ସୃଜନକର୍ତ୍ତାଙ୍କୁ ଚିହ୍ନଟ ଓ ପ୍ରୋତ୍ସାହନ ଉଦ୍ଦେଶ୍ୟରେ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଜେମ୍ସ ଅଫ୍ ଇଣ୍ଡିଆ ଚ୍ୟାଲେଞ୍ଜର୍ ପାଇଲଟ୍ ପର୍ଯ୍ୟାୟ ଆରମ୍ଭ କରିଛି । ୱେଭ୍ସ ଓ.ଟି.ଟି. ଅନ୍ତର୍ଗତ ମାଇଁ ୱେଭ୍ସ ପ୍ଲାଟ୍‌ଫର୍ମରେ ନିର୍ମିତ ଏହି ଚ୍ୟାଲେଞ୍ଜ ନାଗରିକମାନଙ୍କୁ ସେମାନଙ୍କ ଜିଲ୍ଲାର ଅନନ୍ୟ କାହାଣୀ ଏବଂ ସାଂସ୍କୃତିକ ଐତିହ୍ୟକୁ ପ୍ରଦର୍ଶିତ କରୁଥିବା କ୍ଷୁଦ୍ର ଭିଡ଼ିଓ ତିଆରି କରିବାକୁ ମନ୍ତ୍ରଣାଳୟ ପକ୍ଷରୁ ଆମନ୍ତ୍ରଣ କରାଯାଇଛି। ଅଂଶଗ୍ରହଣକାରୀମାନେ ଆସନ୍ତା ମାସ ୧ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ଏହି ପ୍ଲାଟ୍‌ଫର୍ମ ମାଧ୍ୟମରେ ୧ରୁ ୩ ମିନିଟ୍‌ର ଭିଡ଼ିଓ ଦାଖଲ କରିପାରିବେ । ଏହି ପଦକ୍ଷେପ ଦେଶବ୍ୟାପୀ କାର୍ଯ୍ୟକାରୀ ହେବାକୁ ଥିବା ବେଳେ ପାଇଲଟ ପର୍ଯ୍ୟାୟରେ ଆଣ୍ଡାମାନ୍ ଏବଂ ନିକୋବର ଦ୍ୱୀପପୁଞ୍ଜ, ଅରୁଣାଚଳ ପ୍ରଦେଶ, ଚଣ୍ଡିଗଡ଼, ଦାଦ୍ରା ଏବଂ ନଗରହାବେଳି, ଦାମନ ଡିଉ, ଗୋଆ ଏବଂ ଲଦାଖକୁ ଅନ୍ତର୍ଭୁକ୍ତ କରାଯାଇଛି। ଏହି ପଦକ୍ଷେପରେ ପ୍ରତି ଜିଲ୍ଲା ପାଇଁ ୨୦ ଜଣ ଡିଜିଟାଲ ସୃଜନକର୍ତ୍ତାଙ୍କୁ ୫୦ ହଜାର ଟଙ୍କାର ଜିଲ୍ଲାସ୍ତରୀୟ ପୁରସ୍କାର, ୨ ଲକ୍ଷ ଟଙ୍କାର ରାଜ୍ୟସ୍ତରୀୟ ପୁରସ୍କାର ଏବଂ ଦେଶ ବ୍ୟାପୀ ପ୍ରସାରଣ ସମୟରେ ୫ ଲକ୍ଷ ଟଙ୍କାର ଜାତୀୟ ପୁରସ୍କାର ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି ।

Desk

# ମନ୍ କୀ ବାତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ରବିବାର ପୂର୍ବାହ୍ନ ୧୧ଟା ବେଳେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ । ଏହା ମାସିକ ରେଡିଓ କାର୍ଯ୍ୟକ୍ରମ ମନ୍‌କି ବାତର ୧୩୬ତମ ସଂସ୍କରଣ ହେବ ।

ଏହି କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟୱର୍କ, ଆକାଶବାଣୀ ୱେବ୍‌ସାଇଟ୍ ଓ Newsonair ମୋବାଇଲ୍ App ରେ ଉପଲବ୍ଧ ହେବ । ଏହା ମଧ୍ୟ ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ସିଧା ପ୍ରସାରଣ ହେବ । ହିନ୍ଦୀ ଭାଷାରେ ପ୍ରସାରଣ ପରେ ଆକାଶବାଣୀରେ ଏହି କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ କରାଯିବ । ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

BBSR/R

## ବାହୁଡ଼ା ଯାତ୍ରା ବୈଠକ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର ଲୋକସେବା ଭବନରେ ଆସନ୍ତା ୨୪ ତାରିଖରେ ପୁରୀରେ ଅନୁଷ୍ଠିତ ହେବାକୁ ଥିବା ବାହୁଡ଼ାଯାତ୍ରାର ପ୍ରସ୍ତୁତି ସମୀକ୍ଷା କରିଛନ୍ତି। ବୈଠକରେ ଆଇନ ଶୃଙ୍ଖଳା ଓ ସୁରକ୍ଷା କ୍ଷେତ୍ରରେ କୌଣସି ପ୍ରକାର ସାଲିସ କରାଯିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଭିଡ଼ ପରିଚାଳନା ଓ ସୂଚନା ସଂଚାର ଉପରେ ଅଧିକ ଗୁରୁତ୍ୱ ଦେବାକୁ ଶ୍ରୀ ମାଝୀ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଏଥିସହିତ ଶ୍ରଦ୍ଧାଳୁମାନଙ୍କୁ ପ୍ରଶାସନ ଓ ପୁଲିସର ମାର୍ଗଦର୍ଶିକା ପାଳନ କରିବାକୁ ଶ୍ରୀ ମାଝୀ ନିବେଦନ କରିଛନ୍ତି। ଆଗକୁ ବାହୁଡ଼ା ଯାତ୍ରା ସହିତ ମହାପ୍ରଭୁଙ୍କ ସୁନାବେଶ ଓ ନୀଳାଦ୍ରୀ ବିଜେରେ ସମସ୍ତ ନୀତିକାନ୍ତି ଯେପରି ସୂଚାରୁରୂପେ ପାଳିତ ହେବ ସେଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି। ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ନେଇ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି।

ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ସରକାରଙ୍କ ପ୍ରାଥମିକତା ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି।

**- V/O –**

Puri

## ରଥ ଦକ୍ଷିଣମୋଡ଼

ପୁରୀଠାରେ ତିନି ରଥଙ୍କର ଦକ୍ଷିଣ ମୋଡ଼ ହେବା ପରେ ଗୁଣ୍ଡିଚା ମନ୍ଦିର ନାକଚଣା ଦ୍ୱାର ସମ୍ମୁଖରେ ରଖାଯାଇଛି। ଆସନ୍ତାକାଲି ସନ୍ଧ୍ୟା ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନେ ମହାପ୍ରଭୁଙ୍କ ଦର୍ଶନ କରିପାରିବେ। ଅନ୍ୟପକ୍ଷରେ ଆଡ଼ପମଣ୍ଡପରେ ଦର୍ଶନ ପାଇଁ ଆଜି ମଧ ପ୍ରବଳ ଗହଳି ଲାଗି ରହିଛି। ଶ୍ରଦ୍ଧାଳୁଙ୍କ ଲମ୍ବା ଧାଡ଼ି ବଡ଼ଶଙ୍ଖ ପର୍ଯ୍ୟନ୍ତ ପରିଲକ୍ଷିତ ହୋଇଥିବା ବେଳେ ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାପକ ପୁଲିସ ମୁତୟନ କରାଯାଇଛି।

Desk

## ସୁଭଦ୍ରା ଶକ୍ତି ପ୍ରକଳ୍ପ

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଜି କଳାହାଣ୍ଡି ଜିଲ୍ଲାରେ ୯ କୋଟି ୩ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟରେ ନିର୍ମିତ ବିଭିନ୍ନ ସୁଭଦ୍ରା ଶକ୍ତି ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ପ୍ରକଳ୍ପଗୁଡ଼ିକ ସ୍ୱୟଂସହାୟକ ଗୋଷ୍ଠୀର ମହିଳାଙ୍କୁ ଜୀବିକାର ନୂତନ ସୁଯୋଗ ଦେବା ସହ ସେମାନଙ୍କ ଆର୍ଥିକ ଶକ୍ତିକୁ ସୁଦୃଢ଼ କରିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ଶ୍ରୀମତୀ ପରିଡ଼ା ଭବାନୀପାଟଣାଠାରେ ଆଞ୍ଚଳିକ ସୁଭଦ୍ରା ଶକ୍ତି ସମ୍ମିଳନୀର କଳାହାଣ୍ଡି ଜିଲ୍ଲାର ବ୍ଲକ ଲେବୁଲ ଫେଡେରେସନ୍‌ଗୁଡ଼ିକର ସଦସ୍ୟଙ୍କ ସହ

ଆଲୋଚନା କରିଥିଲେ। ଏସ୍.ଏସ୍.ଜି. ମାଧ୍ୟମରେ ଉଦ୍ୟୋଗ ବିକାଶ ସାମାଜିକ ପରିବର୍ତ୍ତନ କ୍ଷେତ୍ରରେ ସେମାନଙ୍କ ଅନୁଭୂତି, ସଫଳତା ଓ ପରାମର୍ଶ ସୁଭଦ୍ରା ଶକ୍ତି ଅଭିଯାନକୁ ଆହୁରି ପ୍ରଭାବି ଓ ଲୋକାଭିମୁଖୀ କରିବା ଦିଗରେ ସହାୟକ ହେବ ବୋଲି ଶ୍ରୀମତୀ ପରିଡ଼ା କହିଥିଲେ। ଏହି ଅବସରରେ ମଦନପୁର ରାମପୁରଠାରେ ଅଗରବତୀ ପ୍ରସ୍ତୁତି କେନ୍ଦ୍ର, ଥୁଆମୂଳ ରାମପୁରଠାରେ ଆମ୍ବରସ ପ୍ରକ୍ରିୟାକରଣ ଓ କ୍ୟାଣ୍ଡି ପ୍ରସ୍ତୁତି କେନ୍ଦ୍ର, ଭବାନୀପାଟଣାଠାରେ ୨୪ଟି ଗ୍ରାମ ପଞ୍ଚାୟତସ୍ତରୀୟ ସୁଭଦ୍ରା ଶକ୍ତି କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି।

Desk

## ପଲିଟେକନିକ୍‌ଗୁଡ଼ିକର କାର୍ଯ୍ୟସମୀକ୍ଷା

ଭୁବନେଶ୍ୱରଠାରେ ଦକ୍ଷତା ବିକାଶ, ବୈଷୟିକ ଶିକ୍ଷା ଓ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ରାଜ୍ୟର ସରକାରୀ ଆଇ.ଟି.ଆଇ. ଓ ପଲିଟେକନିକ୍‌ଗୁଡ଼ିକର କାର୍ଯ୍ୟସମୀକ୍ଷା କରିଛନ୍ତି। ଆଇ.ଟି.ଆଇ. ଓ ପଲିଟେକନିକ୍‌ଗୁଡ଼ିକ ରାଜ୍ୟର ଶିଳ୍ପ ଓ ଅର୍ଥନୈତିକ ବିକାଶର ଆଧାର। ବଦଳୁଥିବା ଶିଳ୍ପଜଗତର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ଅନୁଷ୍ଠାନଗୁଡ଼ିକ ଆଧୁନିକୀକରଣ ଓ ନୂଆକୌଶଳ ଆପଣାଇବା ଜରୁରୀ ବୋଲି ଶ୍ରୀ ସ୍ୱାଇଁ କହିଛନ୍ତି। ବୈଠକରେ ରାଜ୍ୟର ୭୨ଟି ସରକାରୀ ଆଇ.ଟି.ଆଇ. ଓ ୩୫ଟି ସରକାରୀ ପଲଟେକନିକ୍‌ର ଅଧ୍ୟକ୍ଷମାନେ ଯୋଗଦେଇ ବୈଷୟିକ ଶିକ୍ଷାର ମାନ ବୃଦ୍ଧି ଉପରେ ଆଲୋଚନା କରିଥିଲେ।

I&PR

## କୋଭିଡ୍-୧୯ ଭୟଭୀତ

କୋଭିଡ୍-୧୯କୁ ନେଇ ଭୟଭୀତ ନ ହେବାକୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି। ଏଥିଲାଗି ରୋଗୀଙ୍କ ପାଇଁ ନିୟମିତ ନିରୀକ୍ଷଣ ଓ ସତର୍କତା ବ୍ୟବସ୍ଥା ଅବଲମ୍ବନ କରାଯାଉଥିବା ସ୍ୱାସ୍ଥ୍ୟ ବିଭାଗ କହିଛି।

Debagada

## ଉନ୍ନୟନମୂଳକ କାର୍ଯ୍ୟ

ଦେବଗଡ଼ ଜିଲ୍ଲାପାଳଙ୍କୁ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଓ ବ୍ଲକରେ ଜାରି ରହିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ସମ୍ପର୍କିତ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଶ୍ରୀ ସାହୁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ପଶୁ ଚିକିତ୍ସା ବିଭାଗ ଦ୍ୱାରା ପ୍ରାଣୀ ସହାୟତା କେନ୍ଦ୍ର, ମାଧ୍ୟମିକ ବିଦ୍ୟାଳୟର ଉନ୍ନତିକରଣ ଏବଂ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନାରେ  ଚାଲିଥିବା ବିଭିନ୍ନ ଗୃହ ନିର୍ମାଣ କାର୍ଯ୍ୟକୁ ତ୍ୱରିତ ଗତିରେ ଶେଷ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ।

Desk

## ରମାଦେବୀ ଚୌଧୁରୀଙ୍କ ପୁଣ୍ୟତିଥି

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଓ ସେବା ସମର୍ପଣର ମୂର୍ତ୍ତିମନ୍ତ ପ୍ରତୀକ ରମାଦେବୀ ଚୌଧୁରୀଙ୍କ ପୁଣ୍ୟତିଥିରେ ରାଜ୍ୟବାସୀ ଆଜି ତାଙ୍କ ଅମ୍ଳାନ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଭୁବନେଶ୍ୱର ବିଧାନସଭା ନିକଟସ୍ଥ

ତାଙ୍କ ପ୍ରତିମୂର୍ତ୍ତିରେ ଏହି ଅବସରରେ ଏକ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ି ଓ ମନ୍ତ୍ରିମଣ୍ଡଳର ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ସ୍ୱର୍ଗତଃ ରମାଦେବୀଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

Desk

# ପାଣିପାଗ

ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଏବଂ ପାର୍ଶ୍ୱବର୍ତ୍ତୀ ଦକ୍ଷିଣ ଉପକୂଳ ଆନ୍ଧ୍ରପ୍ରଦେଶ ସହ ଦକ୍ଷିଣ ଓଡ଼ିଶା, ଛତିଶଗଡ଼ ଓ ମଧ୍ୟପ୍ରଦେଶ ଉପରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି । ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି । ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୧୧ଟି ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି ।

ହୀରାକୁଦ ଜଳଭଣ୍ଡାରର ଜଳସ୍ତର ସନ୍ଧ୍ୟା ୬ଟା ସୁଦ୍ଧା ୬୧୩ ଦଶମିକ ୬/୨ ଫୁଟ ରହିଛି। ଜଳଭଣ୍ଡାର ମଧ୍ୟକୁ ପ୍ରତି ସେକେଣ୍ଡରେ ୨ ଲକ୍ଷ ୨୬ ହଜାର ୧୩୯ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ୧୨ଟି ଗେଟ୍ ଦେଇ ୨ ଲକ୍ଷ ୨ ହଜାର ୬୮ ଘନଫୁଟ ଜଳ ନିଷ୍କାସିତ ହେଉଛି।